**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

**ଜେ ସି ଆର୍ ଏଲ୍ ଏ ସଂଖ୍ୟା 89/2006**

*ବିମଡ଼ା ପାଟମାଝି* .... *ଆବେଦନକାରୀ*

*-ବନାମ -*

*ଓଡ଼ିଶା ରାଜ୍ୟ* .... *ପ୍ରତିବାଦୀ*

**ମାମଲାଗୁଡ଼ିକରେ ହାଜର ହୋଇଥିବା ଅଧିବକ୍ତାମାନେ:**

*ଆବେଦନକାରୀଙ୍କ ପାଇଁ* : ଶ୍ରୀଯୁକ୍ତ ବି. ସି. ପରିଜା, ଅଧିବକ୍ତା

*ପ୍ରତିବାଦୀଙ୍କ ପାଇଁ* : ଶ୍ରୀଯୁକ୍ତ ଆର୍. ତ୍ରିପାଠୀ, ଏଏସ୍‌ସି

**ପୀଠାସୀନ :**
**ମୁଖ୍ୟ ନ୍ୟାୟାଧୀଶ**
**ନ୍ୟାୟମୂର୍ତ୍ତି ଜି. ଶତପଥୀ**

**ରାୟ**

**28.06.2023**

*ଡ. ଏସ୍. ମୁରଲୀଧର, ମୁଖ୍ୟ ନ୍ୟାୟମୂର୍ତ୍ତି*

1. ଆଇ. ପି. ସି. ର ଧାରା 302 ଏବଂ ଆଇ. ପି. ସି. ର ଧାରା 376 (2) (e) ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଏସ୍. ଟି. ମାମଲା ସଂଖ୍ୟା 40/2004 ରେ ଫୁଲବାଣୀର ଦୌରା ବିଚାରପତି ଦ୍ୱାରା ପାରିତ ହୋଇଥିବା 21 ଜୁନ୍, 2006 ର ରାୟ ବିରୁଦ୍ଧରେ ବର୍ତ୍ତମାନର ଆବେଦନ ନିର୍ଦ୍ଦେଶିତ ହୋଇଛି । ବିଚାର କରୁଥିବା ନ୍ୟାୟାଳୟ ଆବେଦନକାରୀଙ୍କୁ ଆଇପିସି ର ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଆଜୀବନ କାରାଦଣ୍ଡ ଏବଂ ଆଇପିସି ର ଧାରା 376 (2) (e) ଅନୁଯାୟୀ ଅପରାଧ ପାଇଁ 10 ବର୍ଷ କଠୋର କାରାବାସରେ ଦଣ୍ଡିତ କରିଛନ୍ତି ଏବଂ ଉଭୟ ଦଣ୍ଡାଦେଶକୁ ଏକାସାଙ୍ଗରେ ଚାଲିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

2. ମୃତ୍ୟୁ ସମୟରେ ସାତ ମାସର ଗର୍ଭବତୀ ଥିବା ମୃତ ତୁମକୁଲି ପାଟମାଝିଙ୍କୁ ବଳାତ୍କାର ଏବଂ ହତ୍ୟା କରିଥିବା ଅଭିଯୋଗରେ ଆବେଦନକାରୀଙ୍କୁ ଅଭିଯୁକ୍ତ କରାଯାଇଥିଲା । ଏହି ଅପରାଧର ଉଦ୍ଦେଶ୍ୟ ଥିଲା ଯେ ଗ୍ରାମବାସୀମାନେ ଆବେଦନକାରୀଙ୍କୁ ମୃତ ବ୍ୟକ୍ତିଙ୍କୁ ବିବାହ କରିବାକୁ ବାଧ କରିଥିଲେ ଯାହାଙ୍କ ସହ ତାଙ୍କର ସମ୍ପର୍କ ଥିଲା । କିନ୍ତୁ, ସେ ରାଜି ହୋଇନଥିଲେ । ଘଟଣାର ଠିକ୍ ପୂର୍ବ ରାତିରେ ଗ୍ରାମରେ ଏକ ବୈଠକ ଡକାଯାଇଥିଲା ଏବଂ ନିଷ୍ପତ୍ତି ନିଆଯାଇଥିଲା ଯେ ମୃତ ବ୍ୟକ୍ତିଙ୍କ ସହ ଆବେଦନକାରୀଙ୍କ ବିବାହ ଖ୍ରୀଷ୍ଟମାସ ପରେ ବିଧିବଦ୍ଧ ଭାବେ ପାଳନ କରାଯିବ ।

3. 2002 ମସିହା ଡିସେମ୍ବର 23 ତାରିଖରେ ଆବେଦନକାରୀ ମୃତବ୍ୟକ୍ତିଙ୍କ ଘରକୁ ଯାଇଥିଲେ ଏବଂ ତାଙ୍କୁ ନିଜ ସହିତ ନେଇଯାଇଥିଲେ । ଏହା ମୃତବ୍ୟକ୍ତିଙ୍କ ଭଉଣୀ, ପି. ଡବ୍ଲ୍ୟୁ. 2 ଙ୍କ ଦ୍ୱାରା କୁହାଯାଇଥିଲା । ପି. ଡବ୍ଲ୍ୟୁ. 2 ର ଜେରା ପ୍ରତିବାଦୀଙ୍କ ପାଇଁ ଅଧିକ ଫଳପ୍ରଦ ହୋଇନଥିଲା । ଯେହେତୁ ଏହି ମାମଲା ପରିସ୍ଥିତିଗତ ପ୍ରମାଣ ଉପରେ ଆଧାରିତ, ପି. ଡବ୍ଲ୍ୟୁ. 2 ର ସାକ୍ଷ୍ୟ ସ୍ଥାପିତ କରେ ଯେ ଘଟଣା ପୂର୍ବରୁ ମୃତବ୍ୟକ୍ତିଙ୍କୁ ଶେଷ ଥର ପାଇଁ ଆବେଦନକାରୀଙ୍କ ସହିତ ଦେଖିବାକୁ ମିଳିଥିଲା । ମୃତ ବ୍ୟକ୍ତିଙ୍କ ଅନ୍ୟ କାହା ସହିତ ଅବୈଧ ସମ୍ପର୍କ ବିଷୟରେ ପି. ଡବ୍ଲ୍ୟୁ. 2 କୁ ପ୍ରତିବାଦୀଙ୍କ ଦ୍ୱାରା ଏକ ପରାମର୍ଶ ଦିଆଯାଇଥିଲା, କିନ୍ତୁ ପି. ଡବ୍ଲ୍ୟୁ. 2 ଦ୍ୱାରା ଏହାକୁ ଅସ୍ୱୀକାର କରାଯାଇଥିଲା ।

4. ମାଦିପେଟା ଜଙ୍ଗଲରେ କ 'ଣ ଘଟିଥିଲା ସେ ବିଷୟରେ ପି. ଡବ୍ଲ୍ୟୁ. 4 କହିଛନ୍ତି ଯେ ଉକ୍ତ ଜଙ୍ଗଲ ଭିତରେ ଏକ କେନ୍ଦୁ ଗଛ ନିକଟରେ ଏହି ହତ୍ୟା ଘଟିଥିଲା । ଘଟଣା ଦିନ, ପି. ଡବ୍ଲ୍ୟୁ. 4 ତାଙ୍କ ନିଖୋଜ ବଳଦକୁ ଖୋଜିବା ପାଇଁ ଉକ୍ତ ଜଙ୍ଗଲରେ ଥିଲେ । ସେ ଲକ୍ଷ୍ୟ କଲେ ଯେ ଆବେଦନକାରୀ କେନ୍ଦୁ ଗଛର ଏକ ଶାଖା ଉପରେ ଏକ ଦଉଡ଼ି ଟାଣିଛନ୍ତି ଏବଂ ଦଉଡ଼ିର ଅନ୍ୟ ପ୍ରାନ୍ତଟି ମୃତ ବ୍ୟକ୍ତିଙ୍କ ବେକରେ ବନ୍ଧା ହୋଇଛି । ବାସ୍ତବରେ, ଏହି ସାକ୍ଷୀ କହୁଥିଲେ, ଆବେଦନକାରୀ ଏହା ଦେଖେଇବାକୁ ଚାହୁଁଥିଲେ ଯେ ମୃତ ବ୍ୟକ୍ତି ଜଣକ ଫାଶୀ ଲଗାଇଛନ୍ତି ।

5. ଜେରାରେ ପି. ଡବ୍ଲ୍ୟୁ. 4 ଦର୍ଶାଇଛନ୍ତି ଯେ ସେ ଆବେଦନକାରୀଙ୍କୁ ମୃତ ବ୍ୟକ୍ତିଙ୍କ ଶବକୁ ଦଉଡ଼ି ସାହାଯ୍ୟରେ ଉଠାଇବାର ଲକ୍ଷ୍ୟ କରିଥିଲେ । ତେବେ ଏହି ସାକ୍ଷୀ ଜଣକ ଘଟଣା

ଘଟିବାର ଏକ ସପ୍ତାହରୁ ଅଧିକ ସମୟ ପରେ ପୋଲିସ ଦ୍ୱାରା ଯାଞ୍ଚ ହେବା ପର୍ଯ୍ୟନ୍ତ ଏହି ତଥ୍ୟ କାହାକୁ ପ୍ରକାଶ କରିନଥିଲେ ।

6. ଆବେଦନକାରୀଙ୍କ ଅଧିବକ୍ତା ***ଓଡ଼ିଶା ରାଜ୍ୟ ବନାମ ବ୍ରହ୍ମାନନ୍ଦ ନନ୍ଦ AIR 1976 SC 2488*** ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରି ଅନୁରୋଧ କରିଛନ୍ତି ଯେ ଜଣେ ପ୍ରତ୍ୟକ୍ଷଦର୍ଶୀ ଯିଏ ଘଟଣାର ଦେଢ଼ ଦିନ ପର୍ଯ୍ୟନ୍ତ ଆକ୍ରମଣକାରୀଙ୍କ ନାମ ପ୍ରକାଶ କରନ୍ତି ନାହିଁ, ସେ ବିଶ୍ୱାସଯୋଗ୍ୟ ହୋଇପାରିବେ ନାହିଁ ।

7. ବର୍ତ୍ତମାନର ମାମଲାରେ ପି. ଡବ୍ଲ୍ୟୁ. 4 ଜଣେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଉପସ୍ଥାପିତ ହୋଇନାହାନ୍ତି, କିନ୍ତୁ ସର୍ବୋପରି ଘଟଣା ପରବର୍ତ୍ତୀ ସାକ୍ଷୀ ଭାବରେ ଉପସ୍ଥାପିତ ହୋଇଥିଲେ । ଯେହେତୁ ଆବେଦନକାରୀ ମୃତଦେହ ସହିତ ଯେଉଁଭଳି ବ୍ୟବହାର କରୁଥିଲେ ତାହା ଦେଖି ପି. ଡବ୍ଲ୍ୟୁ. 4 ସ୍ୱାଭାବିକ ଭାବରେ ଭୟଭୀତ ହୋଇଥିଲେ, ସେହି ସୂଚନା ସହିତ ତୁରନ୍ତ ପୋଲିସ ନିକଟକୁ ନ ଯିବା ତାଙ୍କ ପାଇଁ ଅସ୍ୱାଭାବିକ ନୁହେଁ । ତେଣୁ, ପି. ଡବ୍ଲ୍ୟୁ. 4ର ସାକ୍ଷ୍ୟକୁ ସମ୍ପୂର୍ଣ୍ଣ ଭାବେ ପରିତ୍ୟାଗ କରିବାକୁ ନ୍ୟାୟାଳୟ ପ୍ରସ୍ତୁତ ନୁହଁନ୍ତି । ଅଧିକନ୍ତୁ, ଆବେଦନକାରୀଙ୍କ ଦୋଷ ପ୍ରମାଣ କରିବା ପାଇଁ ଅଭିଯୋଗ ପକ୍ଷ ଦ୍ୱାରା ଉପସ୍ଥାପିତ ଅନ୍ୟ ପରିସ୍ଥିତି ସନ୍ଦର୍ଭରେ ଉକ୍ତ ପ୍ରମାଣକୁ ଦେଖିବାକୁ ପଡିବ ।

8. ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ କରିଥିବା ଡ. ତ୍ରିନାଥ ପଣ୍ଡା (ପି. ଡବ୍ଲ୍ୟୁ. 6) ଙ୍କ ପ୍ରମାଣ ଉପରେ ଅଭିଯୋଗ ପକ୍ଷ ନିର୍ଭର କରିଥିଲେ । ବାହ୍ୟ ଆଘାତ ଏବଂ ଘର୍ଷଣକୁ ଲକ୍ଷ୍ୟ କରିବା ବ୍ୟତୀତ, ସେ ବିଶେଷ ଭାବରେ ଉଲ୍ଲେଖ କରିଥିଲେ ଯେ ଲାଳ ବୋହିବାର କିମ୍ବା ଲାଳର ଅନୁପସ୍ଥିତି ଯାହା ସନ୍ଦେହ ସୃଷ୍ଟି କରିଥିଲା ଯେ ଏହା ମୃତ୍ୟୁ ପରର ଫାଶୀ ଅର୍ଥାତ୍ ମୃତ୍ୟୁ ପରେ ଶବକୁ ଫାଶୀ ଦେବା ମାମଲା । ଆହୁରି, ସେ ସ୍ପଷ୍ଟ ଭାବେ କହିଥିଲେ ଯେ ମୃତ୍ୟୁ ପୂର୍ବରୁ ସେ ବଳପୂର୍ବକ ଯୌନକ୍ରିୟାର ସଙ୍କେତ ପାଇଥିଲେ । ଜେରାରେ, ସେ ସ୍ପଷ୍ଟ ଥିଲେ ଯେ କଣ୍ଠିର ହାଡ଼ ଭାଙ୍ଗି ନାହିଁ । ରାସାୟନିକ ପରୀକ୍ଷା ବିବୃତିକୁ ଅନୁଧ୍ୟାନ କରିବା ପରେ, ସେ ମତ ରଖିବାରେ ସକ୍ଷମ ହୋଇଥିଲେ ଯେ "ମୃତ ବ୍ୟକ୍ତିଙ୍କ ମୃତ୍ୟୁ ନରହତ୍ୟା ସହିତ ମୃତ୍ୟୁ ପରେ ଫାଶୀ ଥିଲା" । ପ୍ରତିବାଦୀଙ୍କ ଅଧିବକ୍ତାଙ୍କ ଦ୍ୱାରା ତାଙ୍କ ଜେରାରେ ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଏହା ଆତ୍ମଘାତୀ ଫାଶୀ ମାମଲା ନୁହେଁ ।

୨. ଆବେଦନକାରୀଙ୍କୁ ଶେଷ ଥର ପାଇଁ ମୃତ ବ୍ୟକ୍ତିଙ୍କ ସହ ଦେଖିବାକୁ ମିଳିଥିବାରୁ, ଏହି ଅପରାଧିକ ପରିସ୍ଥିତିକୁ ବ୍ୟାଖ୍ୟା କରିବାର ଭାର ତାଙ୍କ ଉପରେ ଥିଲା, କିନ୍ତୁ ସେ ତାହା କରିବାରେ ଅସମର୍ଥ ହୋଇଥିଲେ । ମୃତ ବ୍ୟକ୍ତିଙ୍କ ଅନ୍ୟ କାହା ସହିତ ଅବୈଧ ସମ୍ପର୍କ ଥିଲା ବୋଲି ଦର୍ଶାଇବା ବ୍ୟତୀତ ଆବେଦନକାରୀ ତାଙ୍କ ବିରୋଧରେ କୌଣସି ପରିସ୍ଥିତି ସନ୍ତୋଷଜନକ ଭାବରେ ବ୍ୟାଖ୍ୟା କରିବାରେ ଅସମର୍ଥ ହୋଇଥିଲେ ।

10. ପରିସ୍ଥିତିଗତ ପ୍ରମାଣ କ୍ଷେତ୍ରରେ, ଅଭିଯୋଗ ପକ୍ଷକୁ ଦର୍ଶାଇବାକୁ ହେବ ଯେ ପରିସ୍ଥିତି ଶୃଙ୍ଖଳାର ପ୍ରତ୍ୟେକ ସଂଯୋଗ ସନ୍ତୋଷଜନକ ଭାବରେ ପ୍ରମାଣିତ ହୋଇଛି ଏବଂ ଉକ୍ତ ସଂଯୋଗଗୁଡ଼ିକ ଏକ ନିରନ୍ତର ଶୃଙ୍ଖଳା ଗଠନ କରେ ଯାହା ଆବେଦନକାରୀଙ୍କ ଦୋଷକୁ ସୂଚିତ କରେ |

11. ପକ୍ଷମାନଙ୍କ ଅଧିବକ୍ତାଙ୍କ ସହାୟତାରେ ସମଗ୍ର ସାକ୍ଷ୍ୟକୁ ଯାଞ୍ଚ କରିବା ପରେ, ନ୍ୟାୟାଳୟ ସନ୍ତୁଷ୍ଟ ଯେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ପରିସ୍ଥିତିର ଶୃଙ୍ଖଳାରେ ପ୍ରତ୍ୟେକ ସଂଯୋଗକୁ ସନ୍ତୋଷଜନକ ଭାବରେ ପ୍ରମାଣ କରିବାର ଭାର ଅଭିଯୋଗ ପକ୍ଷ ନିର୍ବାହ କରିଛନ୍ତି ।

12. ଆବେଦନକାରୀଙ୍କ ଅଧିବକ୍ତା ***ନଗେନ୍ଦ୍ର ସାହ ବନାମ ବିହାର ରାଜ୍ୟ (2021) 10 SCC 725*** ର ରାୟ ଉପରେ ନିର୍ଭର କରିବାକୁ ଅନୁରୋଧ କରିଥିଲେ ଯେ ଦୋଷୀ ସାବ୍ୟସ୍ତ କେବଳ ଶବ ବ୍ୟବଚ୍ଛେଦ ବିବୃତି ଉପରେ ଆଧାରିତ ହୋଇପାରିବ ନାହିଁ ।

13. ବର୍ତ୍ତମାନର ମାମଲାରେ, ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ କେବଳ ଶବ ବ୍ୟବଚ୍ଛେଦ ବିବୃତି ଆଧାରରେ ଆବେଦନକାରୀଙ୍କ ଅପରାଧର ଉପସଂହାରରେ ପହଞ୍ଚି ନାହାଁନ୍ତି, ବରଂ ପିଡବ୍ଲ୍ୟୁ 2 ଏବଂ 4ଙ୍କ ସାକ୍ଷ୍ୟ ସମେତ ଅଭିଯୋଗକାରୀଙ୍କ ନେତୃତ୍ୱରେ ପ୍ରମାଣର ସାମଗ୍ରିକ ଅନୁଧ୍ୟାନ ପରେ ପହଞ୍ଚିଛନ୍ତି ।

14. ଏହି ନ୍ୟାୟାଳୟଙ୍କର ମତ ହେଉଛି ଯେ ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟର ଆକ୍ଷେପିତ ରାୟରେ ହସ୍ତକ୍ଷେପ କରିବାର କୌଣସି ଆଧାର ନାହିଁ । ସେହି ଅନୁଯାୟୀ ଆବେଦନକୁ ଖାରଜ କରାଗଲା । ରାୟର ଏକ ନକଲ ସମ୍ପୃକ୍ତ କାରାଗାରର ଅଧୀକ୍ଷକଙ୍କୁ

ପ୍ରଦାନ କରାଯିବ, ଯାହା ପରେ ଆବେଦନକାରୀଙ୍କୁ ପଠାଯିବ ଏବଂ ଆବଶ୍ୟକ ପଡ଼ିଲେ ସେ ବୁଝିପାରୁଥିବା ଭାଷାରେ ତାଙ୍କୁ ବୁଝାଯାଇପାରିବ ।

*(ଡ. ଏସ୍. ମୁରଲୀଧର)*
*ମୁଖ୍ୟ ନ୍ୟାୟାଧୀଶ*

*(ଜି. ଶତପଥୀ)*
*ନ୍ୟାୟମୂର୍ତ୍ତି*

*କିଶୋର*

HIGH COURT ORISSA

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ